## ଶ୍ରାଦ୍ଧବାର୍ଷିକୀରେ ଉତ୍କଳ କେଶରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଧାମନଗର, ୨।୧ (ଦେବେନ୍ଦ୍ର ଆନ୍ଦିଆ)**

ଧାମନଗରସ୍ଥିତ ମହତାବ ସେବା ସଦନ ପରିସରରେ ଗୁରୁବାର ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ସେବା ସଦନ ପରିସରରେ ଥିବା ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେବା ସଦନ ପରିଚାଳକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ବରିଷ୍ଠ ନାଗରିକ ପରିଷଦ ସଭାପତି ଅନିଲ କୁମାର ବାରିକ, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ସମ୍ପାଦକ ସଚିକାନ୍ତ ପଣ୍ଡା, ସାମାଜିକ କର୍ମୀ ସୁଶାନ୍ତ ରାଉତ, ଖବରଦାତା କୈଳାସ ଗୁପ୍ତା, ଅଭିମନ୍ୟୁ ମଳିକ, ପ୍ରଦୀପ କୁମାର ମହାପାତ୍ର, ସୁଧାକର ଦାଶ, ସେକ ଜାଫର ଅଲ୍ଲୀ, ଗୋଲାମ ଜିଲାନୀ ହବିବି, ସରୋଜ କୁମାର ସେଠୀ, ପ୍ରଧାନ ଶିକ୍ଷକ ମନୋଜ ସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଏଥର ଜିଲାରେ କମିବ ଡାଲି ଜାତୀୟ ଚାଷ

**ଭଦ୍ରକ, ୨।୧ (ସନାତନ ରାଉତ)**

**ବିହନ ଯୋଗାଣ ହ୍ରାସ**

- ପ୍ରୋତ୍ସାହନ ମିଳୁ ନ ଥିବାରୁ ଚାଷୀଙ୍କ ଆଗ୍ରହ କମୁଛି
- ୯୦ ପ୍ରତିଶତ ଜମି ପଡ଼ିଆ ପଡୁଛି

ଡାଲି ଜାତୀୟ ଶସ୍ୟର ଦର ଦାମ୍ ବୃଦ୍ଧି ପାଉଥିବା ବେଳେ ଭଦ୍ରକ ଜିଲାରେ ଏଥର ରବି ଋତୁରେ ଡାଲି ଚାଷ କମିବ। ଏହି ଚାଷ ପାଇଁ ଭଦ୍ରକ ଜିଲାକୁ ଗତବର୍ଷ ତୁଳନାରେ ବିହନ ଯୋଗାଣ କମ୍ ହୋଇଥିବାରୁ ଏଥର ଚାଷ ଓ ଉତ୍ପାଦନ କମିବ ବୋଲି ଜଣାପଡ଼ିଛି। ଗତବର୍ଷ ଜିଲାରେ ୨୩ ହଜାର ୩ଶହ ହେକ୍ଟର ଜମିରେ ମୁଗ, ବିରି ଚାଷ ପାଇଁ ସରକାରଙ୍କ ପକ୍ଷରୁ ବିହନ ଯୋଗାଇ ଦିଆଯାଇଥିଲା। ହେକ୍ଟର ପିଛା ୨୦ କିଲୋ ହିସାବରେ ୪୬ ହଜାର ୬ଶହ ମେଟ୍ରିକ୍ ଟନ୍ ମୁଗ, ବିରି ବିହନ ଯୋଗାଇ ଦିଆଯାଇଥିଲା। ସେହି ତୁଳନାରେ ଚଳିତବର୍ଷ ୧୮ ହଜାର ୫ଶହ ହେକ୍ଟର ଜମିରେ ମୁଗ, ବିରି ଚାଷ ଲାଗି ୩୭ ହଜାର ମେଟ୍ରିକ୍ ଟନ୍ ବିହନ ଯୋଗାଇ ଦିଆଯାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଖରିଫ୍ ଧାନ ଅମଳ ପରେ ବିରି, ମୁଗ ଚାଷ ହୋଇଥାଏ। ଧାନ ଅମଳ ପୂର୍ବରୁ ଚାଷଜମିର ମାଟି ଓଦା ଥିବା ସମୟରେ ଚାଷୀମାନେ ବିରି ବୁଣିଥାନ୍ତି। ଧାନ ଅମଳ ସରିବା ପରେ ଜମିକୁ ହଳ କରି ମୁଗ ବୁଣିଥାନ୍ତି। ବିରି, ମୁଗ ଚାଷରେ ଜଳସେଚନର ବିଶେଷ ଆବଶ୍ୟକତା ନ ଥାଏ। ଏହି ଚାଷରେ ଅଳ୍ପ ଖର୍ଚ୍ଚ ସାଙ୍ଗକୁ ଅଳ୍ପ ପାଣିର ଆବଶ୍ୟକ ପଡ଼ିଥାଏ। ରବି ଚାଷରେ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଚାଷୀଙ୍କ ଆଗ୍ରହ କମିବା ସହ ବିରି, ମୁଗ ଚାଷ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଜିଲାର ଭଣ୍ଡାରିପୋଖରୀ, ଧାମନଗର, ବନ୍ତ ଆଦି ବ୍ଲକରେ ମୁଗ, ବିରି ଚାଷ ପାଇଁ ମାଟି ଅନୁକୂଳ ହୋଇଥିଲେ ମଧ୍ୟ ଜଳସେଚନ ବ୍ୟବସ୍ଥା ଏବଂ ପ୍ରୋତ୍ସାହନ ଅଭାବରୁ ଆଖିଦୃଶିଆ ଚାଷ ହୋଇପାରୁ ନାହିଁ।

ଜିଲାରେ ୧ ଲକ୍ଷ ୬୦ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହେଉଥିବା ବେଳେ ରବି ଋତୁରେ ମାତ୍ର ୧୦ପ୍ରତିଶତ ଜମିରେ ଅଣଧାନ ଚାଷ ହେଉଛି। ଫଳରେ ୯୦ ପ୍ରତିଶତ ଜମି ପଡ଼ିଆ ପଡୁଛି। ଚାଷୀଙ୍କ ମଧ୍ୟରେ ରବି ଋତୁରେ ଡାଲି ଜାତୀୟ ଫସଲ ଉତ୍ପାଦନ ପାଇଁ ସଚେତନତା ଓ ପ୍ରୋତ୍ସାହନ ବ୍ୟବସ୍ଥା କରାଗଲେ ଜିଲାରେ ଯଥେଷ୍ଟ ପରିମାଣରେ ମୁଗ, ବିରି ଉତ୍ପାଦନ ହୋଇପାରନ୍ତା। କୃଷି ବିଭାଗ ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ଜିଲାକୁ ମାତ୍ର ୧୮ ହଜାର ୫ଶହ ହେକ୍ଟର ଜମିରେ ମୁଗ, ବିରି ଚାଷ ପାଇଁ ମଞ୍ଜୁରୀ ମିଳିଛି। ୧୬ ହଜାର ହେକ୍ଟର ଜମିରେ ମୁଗ ଏବଂ ୨ ହଜାର ୫ଶହ ହେକ୍ଟର ଜମିରେ ବିରି ଚାଷ ନିମନ୍ତେ ବିହନ ଯୋଗାଇ ଦିଆଯାଇଛି। ଗତବର୍ଷ ଅପେକ୍ଷା ମୁଗ, ବିରିର ଦର ବୃଦ୍ଧି ହୋଇଥିବା ବେଳେ ଚାଷର ପରିମାଣ ବୃଦ୍ଧି ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବୃଦ୍ଧି ପରିବର୍ତ୍ତେ ଗତବର୍ଷ ଅପେକ୍ଷା ଏଥର ପାଖାପାଖି ସାଢ଼େ ୪ ହଜାର ହେକ୍ଟର କମ୍ ଜମିରେ ଚାଷ ପାଇଁ ବିହନ ଯୋଗାଇ ଦିଆଯାଇଛି। ଏ ସମ୍ପର୍କରେ କୃଷି ଜିଲା ଅଧିକାରୀ ଶଶିଭୂଷଣ ମହାପାତ୍ର କହିଛନ୍ତି, ଗତଥର ରାଜ୍ୟ ଯୋଜନାରେ ଜିଲାକୁ ବିହନ ମିଳିଥିଲା। ଏଥର ରାଜ୍ୟ ଯୋଜନାରେ କୌଣସି ବିହନ ମିଳି ନ ଥିବା ବେଳେ କେନ୍ଦ୍ରୀୟ ଯୋଜନାରେ ବିହନ ଯୋଗାଇ ଦିଆଯାଇଛି। ମିଳିଥିବା ବିହନ ପରିମାଣ ଅନୁସାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ପିକ୍‌ନିକ୍ ଯାଇଥିଲେ, ଶବ ହୋଇ ଫେରିଲେ


ଗଗନ ବେହେରା

**ଅସୁରାଳି, ୨।୧ (ସନ୍ତୋଷ ପ୍ରଧାନ)**

ନୂତନ ବର୍ଷ ପାଇଁ ଖୁସି ମନାଇବାକୁ ସାଙ୍ଗମାନଙ୍କ ସହ ପିକ୍‌ନିକ୍ ଯାଇଥିଲେ। ଶବ ହୋଇ ଘରକୁ ଫେରିଲେ ଧାମନଗର ଥାନା ଅଧୀନ କଲ୍ୟାଣୀ ଗ୍ରାମର ଗଗନ ବେହେରା(୪୫)। ଗତ ମଙ୍ଗଳବାର ୧୧ଜଣ ସାଙ୍ଗଙ୍କ ସହ ଗଗନ ଏକ ବୋଲେରୋରେ ସୁନ୍ଦରଗଡ଼ ବୁଲିବାକୁ ଯାଇଥିଲେ। ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲିବା ପରେ ବୁଧବାର ଖଣ୍ଡାଧାର ପର୍ଯ୍ୟଟନ ସ୍ଥଳୀରେ ଭୋଜିର ଆୟୋଜନ କରିଥିଲେ। ଭୋଜି ଖାଇସାରିବା ପରେ ସମସ୍ତେ ଅନ୍ୟତ୍ର ଯାଉଥିବା ବେଳେ ବାଟରେ ଗାଡ଼ି ଭିତରେ ଗଗନଙ୍କର ଶ୍ୱାସରୁଦ୍ଧ ହୋଇଥିଲା। ସାଙ୍ଗମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଥିଲା। ଗୁରୁବାର ଗଗନଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗଗନ ଜଣେ କାଠ ମିସ୍ତ୍ରି ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ।

## ତିରୋଧାନ ଦିବସରେ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଭଦ୍ରକ, ୨।୧ (ସନାତନ ରାଉତ)**

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ତିରୋଧାନ ଦିବସ ଅବସରରେ ଗୁରୁବାର ଭଦ୍ରକ ପ୍ରବେଶ ପଥରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଜିଲାପାଳ ଦିଲୀପ ରାଉତରାଏ, ବିଧାୟକ ଓ ଅନ୍ୟମାନେ।

# ଗଢ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ


ଅତିଥିମାନେ ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

**ଭଦ୍ରକ, ୨।୧ (ସନାତନ ରାଉତ)**

ଭଦ୍ରକ ଜିଲାସ୍ତରୀୟ ସଡ଼କ ସୁରକ୍ଷା ପାଳନ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜରିଆରେ ଜିଲା କାର୍ଯ୍ୟାଳୟ ପରିସରରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀନିବାସ ପତି ପ୍ରମୁଖ ଯୋଗ ଦେଇଥିଲେ। ସଡ଼କ ସୁରକ୍ଷା ପାଇଁ ସମସ୍ତ ନିୟମ କାନୁନ ସମ୍ବନ୍ଧରେ ଜାଣିବା, ସଚେତନ ହେବା, ନିୟମାବଳୀକୁ ମାନୁ ନ ଥିବା ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଦି ପଦକ୍ଷେପ ନିଆଗଲେ ସଡ଼କ ଦୁର୍ଘଟଣା ହ୍ରାସ ପାଇବ ବୋଲି ଜିଲାପାଳ ଓ ଅତିଥିମାନେ କହିଥିଲେ। ସଡ଼କ ସୁରକ୍ଷା କମିଟିର ସଦସ୍ୟ ଅତିଶ୍ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ସଡ଼କ ସୁରକ୍ଷା ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ସଚେତନତା ଉଦ୍ଦେଶ୍ୟରେ ପରିକ୍ରମା କରିବାକୁ ଥିବା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସହ ଏକ ପଦଯାତ୍ରା ଭଦ୍ରକ ସହର ପରିକ୍ରମା କରିଥିଲା। ରିଜର୍ଭ ପୋଲିସ ରାକେଶ କୁମାର ସ୍ୱାଇଁ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଭାରପ୍ରାପ୍ତ ଆର୍‌ଟିଓ ବରିଷ୍ଠ ଏମ୍‌ଭିଆଇ ବାମଦେବ ସାହୁଙ୍କ ସଂଯୋଜନାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଏଆର୍‌ଟିଓ ଶ୍ରୀକାନ୍ତ ଦାସ, ରୋଡ୍ ସେଫ୍ଟି ଅଧିକାରୀ ଶେଖ୍ ଅବଦୁଲ ରହିମ, ଟ୍ରାଫିକ୍ ସବ୍ ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପୃଥକ୍ ଦୁର୍ଘଟଣା: ୨ ମୃତ

**ଭଣ୍ଡାରିପୋଖରୀ, ୨।୧ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ମଞ୍ଜୁରୀରୋଡ୍-କାଁପଡ଼ା ରାସ୍ତାର ସାନଶାସନ ପଞ୍ଚାୟତ ଭାଗୀ ମହାରଣାବିଲ ବରଗଛ ଛକ ନିକଟରୁ ଗୁରୁବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବନ୍ତ ଥାନା ଅଧୀନ କେନ୍ଦୁଆପଦା ପଞ୍ଚାୟତ ମୁଗଗଡ଼ିଆ ଗ୍ରାମର ଅରୁଣ ଓଝା(୨୪)। ସେ ବୁଧବାର ତରାଗୋ ଗ୍ରାମକୁ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଆସିଥିଲେ। ସେଠାରୁ ବନ୍ଦାଳୋ ଗ୍ରାମରେ ଥିବା ଭଉଣୀ ଘରକୁ ଯାଇ ରାତିରେ ବାଇକ୍‌ରେ ତରାଗୋକୁ ଫେରୁଥିବା ବେଳେ ରାସ୍ତାକଡ଼ ଗଛରେ ଧକ୍କା ହୋଇଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ପହଞ୍ଚି ବାଇକ୍ ଓ ମୃତଦେହକୁ ଜବତ କରିଥିଲା। ମୃତକଙ୍କ ଭାଇ ଜଗବନ୍ଧୁଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧/୨୫) ରୁଜୁ ହୋଇଛି। ସେହିପରି ଷୋଳମପୁର ପଞ୍ଚାୟତ ବିନ୍ଧାଣ ଗ୍ରାମର ସୁରେଶ ଚନ୍ଦ୍ର ନାୟକଙ୍କ ପୁଅ ସାଇପ୍ରକାଶ(୯)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ବୁଧବାର ଅପରାହ୍ନରେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଯାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା।

## 'ତୁଠ ପଥର' ଲୋକାର୍ପିତ

**ତିହିଡ଼ି, ୨।୧ (ସଞ୍ଜିତ ବଳ)**

ଅନୁଭବକୁ କାବ୍ୟ ରୂପ ଦେବା ଭିତରେ ମିଳୁଥିବା ସନ୍ତୋଷ ହିଁ କବିଙ୍କ ପଥ ପ୍ରଦର୍ଶକ ହୋଇଥାଏ ବୋଲି କବି ଦେବକିଶୋର ଦାସଙ୍କ କବିତା ସଙ୍କଳନ 'ତୁଠ ପଥର'ର ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି କଥାକାର ମନୋଜ କୁମାର ମହାପାତ୍ର ମତବ୍ୟକ୍ତ କରିଥିଲେ। ତିହିଡ଼ି ଟାଉନ ହଲ୍‌ରେ ରଙ୍ଗ ପ୍ରକାଶନୀ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟଅତିଥି ମହାପାତ୍ର ଉଦ୍‌ଘାଟନ କରିଥିଲେ। ତିହିଡ଼ି ଯୁକ୍ତ ୨ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଫକୀର ମୋହନ କଲେଜର ଅଧ୍ୟାପକ ଡ. ସନ୍ତୋଷ କୁମାର ନାୟକ ଯୋଗଦେଇ ପାଠକଙ୍କୁ ବିଭୋର କରୁଥିବା କବିତାର ସ୍ରଷ୍ଟା ସବୁ ସମୟରେ ପୂଜନୀୟ ହୋଇଥାନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପାର୍ଥସାରଥୀ ନାୟକ ଓ ଡ. ଅଭୟ କୁମାର ଦାସ ଲୋକାର୍ପିତ କବିତା ସଙ୍କଳନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ କଥାକାର ଉମାକାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶକ ରାଜେଶ କୁମାର ସେଠୀ ନିଜର ପ୍ରକାଶନ ସମ୍ପର୍କରେ କହିଥିବା ବେଳେ କବି ଦାସ ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କବି ବିପ୍ଳବ ରଞ୍ଜନ ପତି ଅତିଥି ପରିଚୟ ଏବଂ କବି କୃପାସିନ୍ଧୁ ମହାନ୍ତି ମଞ୍ଚ ଆହ୍ୱାନ ସହ ଧନ୍ୟବାଦ ଦେଇଥିଲେ। କବି ଭଗବାନ ପାଣିଗ୍ରାହୀ, ଗୋଲକ ପ୍ରସାଦ ବୈୟାରୀ, ବସନ୍ତ କୁମାର ଦାସ, ଗଙ୍ଗାଧର ଦତ୍ତ, କଳ୍ପତରୁ ସେଠୀ, ରଘୁନାଥ ପାତ୍ର, ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ।

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଜାରକା ଜାଗୁଆର ବିଜୟୀ

**କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କଲେ ବିଧାୟକ**

**ତିହିଡ଼ି, ୨।୧ (ସଞ୍ଜିତ ବଳ)**


ବିଧାୟକ ଅଶୋକ କୁମାର ଦାସ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ତିହିଡ଼ି ବ୍ଲକ ସୟା ପଞ୍ଚାୟତର ଧୂଳିପଦାସ୍ଥିତ ବାସନ୍ତୀ ସ୍ୱେଚ୍ଛାସେବୀ ଯୁବ ସଙ୍ଗଠନର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥଲେ। ଅନ୍ୟତମ ଅତିଥି ଭାବେ ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, କଂଗ୍ରେସ ନେତା ଗଣେଶ ମଳିକ, ବିଜୟ ନାୟକ, ବଳରାମ କବି ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ବୋଡ଼କ କ୍ରିକେଟ ଟିମ୍‌କୁ ହରାଇ ଜାରକା ଜାଗୁଆର ଭୁବନେଶ୍ୱର ବିଜୟୀ ହୋଇଛି। ଟସ୍ ଜିଣି ବୋଡ଼କ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୭୩ ରନ୍ କରିଥଲା। ଜାରକା ଜାଗୁଆର ଅନ୍ତିମ ଓଭରର ମାତ୍ର ଗୋଟିଏ ବଲ୍ ବାକିଥିବା ବେଳେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହୋଇଥିଲା। ପ୍ରଶାନ୍ତ କୁମାର ମହାନ୍ତି, ବସନ୍ତ କୁମାର ମଳିକ, ସଞ୍ଜୟ ସେଠୀ ଓ ଲକ୍ଷ୍ମଣ ନାୟକ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ସ୍ୱାଗତ ରାଉତ, ପ୍ରବୋଧ ରଞ୍ଜନ ସାହୁ, ବିକାଶ ନାୟକ ଥିବାବେଳେ ଶିଶିର କୁମାର ନାୟକ, ତପନ ମହାଳିକ, ସୁଶାନ୍ତ ମଳିକ, ଅଶୋକ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ସଙ୍ଗଠନର ସଭାପତି ପ୍ରହ୍ଲାଦ ନାୟକ, ଲଲାଟେନ୍ଦୁ ମଲ୍ଲିକ, ପୂର୍ବତନ ସଭାପତି କାହ୍ନୁଚରଣ ଶତପଥୀ, ସୌମ୍ୟରଞ୍ଜନ ନାୟକ, କାଳନ୍ଦୀ ସେଠୀ, ମଳୟ ସେଠୀ, ସନ୍ତୋଷ କୁମାର ନାୟକ, ପ୍ରଶାନ୍ତ ସାମଲ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଚା' ଦୋକାନରେ ଟଳି ପଡ଼ିଲେ ସାମାଜିକ କର୍ମୀ

**ଭଣ୍ଡାରିପୋଖରୀ, ୨।୧ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଗ୍ରାମର ସାମାଜିକ କର୍ମୀ ଜଗବନ୍ଧୁ ବରାଳ(୭୬)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ପ୍ରତିଦିନ ଭଳି ଜଗବନ୍ଧୁ ସକାଳ ୬ଟାରେ ସାଇକେଲରେ ମଣିନାଥପୁର-ବଲ୍ଲଭିଘାଟ ବୈତରଣୀ ସେତୁର ମଧ୍ୟସ୍ଥଳୀରେ ଥିବା ଚା' ଦୋକାନକୁ ଯାଇଥିଲେ। ଦୋକାନରେ ଠିଆ ହୋଇଥିବା ବେଳେ ସେ ଟଳି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଯାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଗ୍ରାମ ବିଦ୍ୟାଳୟ ପ୍ରତିଷ୍ଠାତା ସହ ଏକାଧିକବାର ୱାର୍ଡ଼ ସଭ୍ୟ ରହିଥିଲେ। ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସରପଞ୍ଚ ପରମାନନ୍ଦ ନାୟକ, ପୂର୍ବତନ ସରପଞ୍ଚ ମୁକୁନ୍ଦ ଚରଣ ମଲ୍ଲିକ, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଶିକ୍ଷାବିତ୍ ସମୀର କୁମାର ଚୌଧୁରୀ, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ ଓ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ରମାକାନ୍ତ ମୁଖାଗ୍ନି ଦେଇଥିଲେ।

## ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଧୂଷୁରୀ, ୨।୧ (ଦୀପ୍ତିରଞ୍ଜନ ନାୟକ)**

ଧାମନଗର ବ୍ଲକର ଧୂଷୁରୀ ବଜାର ନିକଟରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ପଣ୍ଡିତ ମଣ୍ଡଳୀଙ୍କୁ ନେଇ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ସ୍ଥାନୀୟ ଲୋକଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଓ ପୂଜା ମଣ୍ଡପରେ ଘଟ ସ୍ଥାପନ ସହ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥିଲା। ବୁଧବାର ଗୀତା ଯଜ୍ଞ ସମାପନ ହୋଇଥିଲା। ଗୁରୁବାର ଚଣ୍ଡିଯଜ୍ଞ ସହ ପୂର୍ଣ୍ଣାହୁତି, ପ୍ରସାଦ ସେବନ ଓ ପରେ ଯଜ୍ଞ ଉଦ୍‌ଯାପନ କରାଯାଇଥିଲା। କର୍ତ୍ତା ଭାବେ ଭାବଗ୍ରାହୀ ହୋତା ଓ ପାର୍ବତୀ ହୋତା ସଞ୍ଚାଳନ କରିଥିଲେ। ପଣ୍ଡିତ ସୁଦର୍ଶନ ମିଶ୍ର, ଧୀରେନ୍ଦ୍ର ପତି, ଧନେଶ୍ୱର ସାଏନ୍ତ, ଅନ୍ତର୍ଯ୍ୟାମୀ ମହାପାତ୍ର, ଦୀନବନ୍ଧୁ ହୋତା, ଚନ୍ଦ୍ରକାନ୍ତ ପତ୍ରି, ଦିଲୀପ ପତି, ଦେବାନନ୍ଦ ପଣ୍ଡା ପ୍ରମୁଖ ସମସ୍ତ ବୈଦିକ କାର୍ଯ୍ୟ ସମ୍ପାଦନ କରିଥିଲେ।

## 'ସଂଗ୍ରାମୀ ମାଟିରେ ଯୁବ ମହୋତ୍ସବ ନିଆରା'

**ଆଗରପଡ଼ା, ୨।୧ (ସୁଶାନ୍ତ ଦାଶ)**

ସଂଗ୍ରାମୀ ମାଟିରେ ଯୁବ ମହୋତ୍ସବ ଆୟୋଜନ ନିଆରା ଓ ଏହା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବନ୍ତ ବ୍ଲକର ଆଗରପଡ଼ା ହେମପଦ୍ମା ଗାଲାକ୍ସି ପରିସରରେ ଚାଲିଥିବା ୩ୟ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବର ୮ମ ସନ୍ଧ୍ୟାରେ ମୁଖ୍ୟଅତିଥି ହିନ୍ଦୁ ଜାଗରଣ ମଞ୍ଚର ଜିଲା ସଭାପତି ବିଭୁଚନ୍ଦନ ଜେନା ଏହି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ସଙ୍ଗଠକ ତାପସ ରାୟ, କମିଟି ଉପଦେଷ୍ଟା ଚିତ୍ତରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। କମିଟି ସଭାପତି ଇଂ. ଅମିୟ ରାମ ଏଥିରେ ସଭାପତିତ୍ୱ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପୁହାଣ ମଞ୍ଚ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରାହ୍ନରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ମିସ୍ ଆଗରପଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ସୁନାବୋହୂ ପ୍ରତିଯୋଗିତା କରାଯାଇଥିଲା। କମିଟିର ନିରୋଜ ଆଇଚ, ଜୈନୁଲ ଆବେଦିନ, ଦିବ୍ୟ ଆକାଶ ପୁହାଣ, ଶୁଭେନ୍ଦୁ ବେହେରା, ପ୍ରକାଶ ଜେନା, କହ୍ନେଇ ସିଂହଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆଗରପଡ଼ା ଯୁବ ମହୋତ୍ସବର ୮ମ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

# ଦଲାଲଙ୍କ କବଳରେ ଚାଷୀଙ୍କ ଧାନ

**ଧାମନଗର, ୨।୧ (ସନ୍ତୋଷ କୁମାର ମହାପାତ୍ର)**

- ସରକାରୀ ଦରରେ ବିକିବା ଆଶା ମଉଳିଯାଇଛି
- ମଣ୍ଡି ଟାର୍ଗେଟ୍ ପୂରଣ ନେଇ ସନ୍ଦେହ


ବାହାର ରାଜ୍ୟକୁ ଚାଲାଣ ପାଇଁ ଧାନ ଲୋଡ୍ ହୋଇଥିବା ଟ୍ରକ୍।

ଚଳିତବର୍ଷ ଭଦ୍ରକ ଜିଲାରେ ସରକାରୀ ମଣ୍ଡି ଖୋଲିବାରେ ବିଳମ୍ବ ହେତୁ ଚାଷୀମାନେ ଦଲାଲମାନଙ୍କୁ କମ୍ ଦରରେ ଧାନ ବିକ୍ରି କରି ଆର୍ଥିକ କ୍ଷତି ସହୁଛନ୍ତି। ଧାନ ଅମଳ ସରିବାକୁ ବସିଥିଲେ ମଧ୍ୟ ସରକାରୀ ମଣ୍ଡି ଖୋଲି ପାରିନାହିଁ। ଫଳରେ ଦଲାଲଙ୍କ କବଳରେ ଚାଷୀଙ୍କ ଧାନ।

ଧାମନଗର ବ୍ଲକରେ ଖରିଫ୍ ଋତୁରେ ୧୬ ହଜାର ୯୩୨ ହେକ୍ଟର ଜମିରେ ଧାନଚାଷ କରାଯାଇଥିଲା। ଆରମ୍ଭରୁ ବୃଷ୍ଟିପାତ ଯୋଗୁ ଚାଷ ବିଳମ୍ବ ହୋଇଥିବା ବେଳେ ଥୋଡ଼ ମଞ୍ଜି ସମୟରେ ବାତ୍ୟା 'ଦାନା'ର ପ୍ରଭାବ ଓ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ସାର ଓ କୀଟନାଶକ ବିଭିନ୍ନ ଦୋକାନରୁ ବାକି, ଧାର କରଜ କରି ଚାଷୀମାନେ ଚାଷ କରିଥିବା ବେଳେ ଏବେ ସରକାରୀ ଦରରେ ଧାନ ବିକିବା ଆଶା ମଧ୍ୟ ମଉଳିଯାଇଛି। କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ଦରରେ ଧାନ ବିକି ଧାର କରଜ ଟଙ୍କା ଶୁଝିଦେବେ ବୋଲି ଚାଷୀଙ୍କର ଆଶା ଥିଲା। କିନ୍ତୁ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଯୋଗୁ ଧାନ କୁଇଣ୍ଟାଲ ପ୍ରତି ୧୮୫୦ରୁ ୧୯୦୦ଟଙ୍କା ଦରରେ ଦଲାଲମାନଙ୍କୁ ବିକ୍ରି କରିବାକୁ ସେମାନେ ବାଧ୍ୟ ହେଉଛନ୍ତି। ଫଳରେ ଚାଷୀଙ୍କୁ ହେକ୍ଟର ପିଛା ଅନୁନ୍ୟ ୪୮ହଜାରରୁ ୫୦ ହଜାର ଆର୍ଥିକ କ୍ଷତି ସହିବାକୁ ପଡୁଛି। ଦଲାଲମାନେ ଧାନ ବାହାର ରାଜ୍ୟ ବେପାରୀଙ୍କୁ ଚଢ଼ା ଦରରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଦଲାଲମାନଙ୍କ ଦ୍ୱାରା ଚାଷୀଙ୍କ ଧାନ ବାହାର ରାଜ୍ୟରେ ବିକ୍ରି ହେଉଛି। ଏଣୁ ସରକାରୀ ମଣ୍ଡିର ଟାର୍ଗେଟ୍ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏସବୁ ଅବ୍ୟବସ୍ଥା ପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି।

## ମହତୀପୁର ଗ୍ରାମରୁ ଅଜଗର ଉଦ୍ଧାର

ଖଇରା,(ଉତ୍କଳବନ୍ଧୁ ପଣ୍ଡା): ଖଇରା ବ୍ଲକ ମହତୀପୁର ଗ୍ରାମ ଏଏନଏମ କେନ୍ଦ୍ର ନିକଟସ୍ଥ ଉମାକାନ୍ତ ରାଉତଙ୍କ ବାଡିରେ ଥିବା କାଠପହ୍ଲାରୁ ଏକ ଅଜଗର ସ୍ନେକ ହେଲ୍ପଲାଇନ ଦ୍ୱାରା ଉଦ୍ଧାର କରାଯାଇଛି। ଅନ୍ୟୁନ ୬ ମାସର ଏହି ଅଜଗର ଛୁଆ କାଠପହ୍ଲାରେ ବୁଲୁଥିବା ବେଳେ ଗ୍ରାମର ରମାକାନ୍ତ ମହାରଣା ଓ କୈଳାସ ମହାରଣା ପ୍ରମୁଖ ଦେଖି ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ। ହେଲ୍ପଲାଇନ ସଦସ୍ୟ ମନୋଜ କୁମାର ଜେନା ସାପକୁ କାବୁ କରି କୁପାରୀ ବନବିଭାଗକୁ ହସ୍ତାନ୍ତର କରିଥିଲେ।

## ସଂକ୍ଷେପରେ

### ବାପାଙ୍କୁ ଖୋଜିବାକୁ ଯାଇ ନଈରେ ବୁଡ଼ି ଦିବ୍ୟାଙ୍ଗ ଝିଅ ମୃତ

ନୀଳଗିରି, ୨।୧(ପ୍ରଶାନ୍ତ ବିଶ୍ୱାଳ)– ବାପା ନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ଦିବ୍ୟାଙ୍ଗ ଝିଅ ତାଙ୍କୁ ଖୋଜିବାକୁ ଯାଇ ଆଉ ଫେରିଲେନି। ଏଭଳି ଘଟଣା ଘଟିଛି ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ଭଣ୍ଡଗାଁ ଗ୍ରାମରେ। ମୃତକ ହେଲେ ବିଜୟ କୁମାର ବାଗଙ୍କ ଝିଅ କାବେରୀ (୧୪)। ଗ୍ରାମ ଦେଇ ବୋହିଯାଇଥିବା ଟାଙ୍ଗଣା ନଦୀକୁ ଗୁରୁବାର ବିଜୟ ମାଛ ଧରିବାକୁ ଯାଇଥିଲେ। ତାଙ୍କ ଆସିବାରେ ବିଳମ୍ବ ହେବାରୁ ଅପରାହ୍ନ ପ୍ରାୟ ୧ଟା ବେଳେ ଦିବ୍ୟାଙ୍ଗ ଝିଅ କାବେରୀ ନଦୀ ପାଖକୁ ଯାଇ ବାପାଙ୍କୁ ଖୋଜିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଝିଅ ବୁଡ଼ିଯାଉଥିବା ଦେଖି ପାଣିରୁ ଉଦ୍ଧାର କରି ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ତା ଶୁକ୍ରବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### କ୍ଷତିଗ୍ରସ୍ତ ଆଖୁଚାଷ ପରିଦର୍ଶନ କଲେ ବିଧାୟକ, ତହସିଲଦାର, କୃଷି ଅଧିକାରୀ

ଜଳେଶ୍ୱର, ୨।୧(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ମାକିଡିଆ ପଞ୍ଚାୟତର କୁଅଁରପୁର ଗାଁରେ ଆଖୁ କିଆରୀରେ ଅଚାନକ ନିଆଁଲାଗି ଲକ୍ଷାଧିକ ଟଙ୍କାର ଆଖୁଚାଷ ନଷ୍ଟ ହୋଇଛି । ବିଧାୟକ ଅଶ୍ୱିନୀ ପାତ୍ର ଉକ୍ତ ସ୍ଥାନ ପରିଦର୍ଶନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସମବେଦନା ଜଣାଇବା ସହ ଜିଲାପାଳ, ରାଜସ୍ୱ ଓ କୃଷିମନ୍ତ୍ରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି ଓ ବ୍ଲକ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ମହାନ୍ତି ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । ସ୍ଥାନୀୟ ଆର୍‌ଆଇ, ନିଶିକାନ୍ତ ସିଂ ଓ ଗ୍ରାମ୍ୟ କୃଷିଅଧିକାରୀ ସୁଶାନ୍ତ ପଣ୍ଡା ଗୁରୁବାର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିଛନ୍ତି। ପ୍ରାଥମିକ ରିପୋର୍ଟ ଦିଆଯାଇଥିବା ବେଳେ ସବିଶେଷ ତଥ୍ୟ ଜିଲାପାଳ ଓ ଜିଲା କୃଷି ଅଧିକାରୀଙ୍କୁ ଦିଆଯିବ ବୋଲି ତହସିଲଦାର ଓ କୃଷି ଅଧିକାରୀ କହିଛନ୍ତି।

## ବାଲେଶ୍ୱର

# କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ବାଲେଶ୍ୱର, ୨।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଉଠାଜଳସେଚନ ବିଭାଜନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଅଟେ। କୃଷିର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଜଳସେଚନ ଉପରେ ଗୁରୁତ୍ୱ ଦେବା ସହ କୃଷକର ବିକାଶ ନିମନ୍ତେ ଶତତ ଚେଷ୍ଟିତ ବୋଲି ବକ୍ତବ୍ୟରେ କହିଥିଲେ। ଜଳର ପ୍ରାକୃତିକ ଉତ୍ସର ସଂରକ୍ଷଣ ଓ ଜୈବିକ, ପ୍ରାକୃତିକ କୃଷିକୁ ଗୁରୁତ୍ୱ, ସମନ୍ୱିତ କୃଷିର ବିକାଶ, ଚାଷୀଙ୍କୁ ସମ୍ମାନ, ଗୋବଂଶ ରକ୍ଷା କରିବା ସହ ଶିକ୍ଷିତ ଯୁବତୀଯୁବକ ଚାଷକୁ କ୍ୟାରିୟର ଭାବେ ଗ୍ରହଣ କଲେ ନୂତନ ଓଡ଼ିଶା ନିର୍ମାଣ ସ୍ୱପ୍ନ ସାକାର ହେବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ।

ଉଠାଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ଶିରିଷ ଚନ୍ଦ୍ର ମୁଣ୍ଡା ଏହି ଉତ୍ସବରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ହୋଇ ପାଣି ପଞ୍ଚାୟତ ଯୋଜନା ଆଜି କେବଳ ଜଳସେଚନ ପରିଚାଳନାର ଏକ ଅଂଶ ହୋଇ ରହି ନାହିଁ। ଏହା କୃଷି ଉତ୍ପାଦନ ବୃଦ୍ଧି କରିବା ସହିତ କୃଷକମାନଙ୍କର ସାମାଜିକ ଏବଂ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ଲାଗିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଖଇରା ବ୍ଲକ ଶିରିପୁର ଗ୍ରାମର ସଫଳ ଚାଷୀ କମଳାକାନ୍ତ ବେହେରାଙ୍କୁ ବିଭାଗ ପକ୍ଷରୁ ସର୍ବୋତ୍ତମ କୃଷକ ସମ୍ମାନ ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭୋଗରାଇ ବ୍ଲକ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସାଇସ୍ମିତା ପଣ୍ଡା, ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବାଲେଶ୍ୱର ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗୌତମୀ ଦାସଙ୍କ ସମେତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ବିତରଣ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଦେ ଓ ସହକାରୀ ଯନ୍ତ୍ରୀ ରାମ ନାରାୟଣ ମହାନ୍ତି ଉତ୍ସବ ପରିଚାଳନା କରିଥିଲେ। ଅଙ୍କିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଜଣେ କୃତୀ ଛାତ୍ରୀଙ୍କୁ ଏମ୍‌ପି ମାନପତ୍ର ପ୍ରଦାନ କରୁଛନ୍ତି।

## ଭୁବନେଶ୍ୱର କାର୍ଯ୍ୟକ୍ରମ ପାଇଁ ଆସିବେନି ବିଧାୟକ

### ବନ୍ଦ ରହିଲା ଧାନମଣ୍ଡି ଉଦ୍‌ଘାଟନ

ଖଇରା, ୨।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ୪ଟି ମଣ୍ଡି ଉଦ୍‌ଘାଟନ ହୋଇପାରୁ ନ ଥିବାରୁ ଚାଷୀମାନେ ଧାନ ବିକି ପାରୁନାହାନ୍ତି। ଯେଉଁଥିପାଇଁ ଗଗନଧୂଳି, କୁରୁଣ୍ଟା, ଗୋବିନ୍ଦପୁର ଓ ମିର୍ଜାପୁର ଅଧୀନରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଖଇରା ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ଗତ ୨୭ ତାରିଖରେ ବିଧାୟକ ୧୦ ସେବା ସମବାୟ ସମିତିରେ ମଣ୍ଡି ଉଦଘାଟନ କରିଥିଲେ। ହେଲେ ଉପରୋକ୍ତ ୪ଟି ସମିତି ଉଦ୍‌ଘାଟନରୁ ବାଦ୍ ପଡିଯାଇଥିଲା । ପରେ ଜାନୁଆରୀ ୩ରେ ଏହି ୪ଟି ମଣ୍ଡି ଉଦ୍‌ଘାଟନ ପାଇଁ ବିଧାୟକ ତାରିଖ ଦେଇଥିଲେ । ଶୁକ୍ରବାର ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଥିଲା । ହେଲେ ଗୁରୁବାର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଭୁବନେଶ୍ୱର ଗସ୍ତ ପାଇଁ ଉଦ୍‌ଘାଟନ କାର୍ଯ୍ୟକ୍ରମ ବାତିଲ କରିବା ପରେ ଧାନ ବିକ୍ରୀ ଅପେକ୍ଷାରେ ଥିବା ଚାଷୀଙ୍କ ମୁଣ୍ଡରେ ବଜ୍ର ପଡିଛି । ଡିସେମ୍ବର ପ୍ରଥମ ସପ୍ତାହରୁ ଅମଳ ସାରି ଧାନ ବିକିବାକୁ ଅପେକ୍ଷା କରିଥିବା ଚାଷୀଙ୍କୁ କେବେ ମିଲ ଟ୍ୟାଗ ପାଇଁ ଆଉ କେବେ ମଣ୍ଡି ଉଦ୍‌ଘାଟନ ପାଇଁ ଅପେକ୍ଷା ବୋଝ ଉପରେ ନଳିତା ବିଡା ସାଜିଛି । ତୁରନ୍ତ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି ।

## ଭୂଷଣ୍ଡେଶ୍ୱର ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ଅଣ୍ଟା ଭିଡ଼ିଲେ

ଭୋଗରାଇ, ୨।୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା କୂଳରେ ଅବସ୍ଥିତ ଭୋଗରାଇ ବ୍ଲକ କୁମ୍ଭୀରଗ ପାହି ଅଞ୍ଚଳରେ ପ୍ରତିଷ୍ଠିତ ଭୂଷଣ୍ଡେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ନିର୍ମାଣ ଓ ପୂର୍ଣ୍ଣାଙ୍ଗ ନିମନ୍ତେ ସହଯୋଗ କରିବାକୁ ଅନନ୍ତ ଦାସ ଫାଉଣ୍ଡେଶନ ସଭାପତି ଅଭିଜିତ କୁମାର ଦାସ ନିବେଦନ କରିଛନ୍ତି। ୧୯୮୯ ମସିହାରେ ଗଢିଉଠିଥିବା ଏହି ମନ୍ଦିର ବିପଦସଙ୍କୁଳ ଥିବାବେଳେ ମନ୍ଦିରକୁ ଭାଙ୍ଗି ଦିଆଯାଇ ପୁରୀ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଢାଞ୍ଚାରେ ନୂତନ ମନ୍ଦିର ନିର୍ମାଣକୁ ନେଇ ବିଧାୟକ ଅନନ୍ତ ଦାସ ଓ ପୂର୍ବତନ ଏମ୍‌ପି ସ୍ୱର୍ଗତ କାର୍ତ୍ତିକେଶ୍ୱର ପାତ୍ର ସବୁ ସ୍ତରର ଲୋକଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିନିମନ୍ତେ ପୂର୍ବତନ ବିଧାୟକ ୨୦୧୮ରେ ଭୂମିପୂଜା କରି ମହାଦେବଙ୍କ ମନ୍ଦିର ଉଦ୍‌ଘାଟନ କରିଥିଲେ। ସେ ନିଜସ୍ୱ ପାଣ୍ଠିରୁ ୨କୋଟି ଟଙ୍କା ପାଖାପାଖି ଅନୁଦାନ ଦେଇ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ସ୍ୱପ୍ନ ଦେଖୁଥିବା ବେଳେ ୬୦ଫୁଟ ତଳୁ ୬୦ଟି ପିଲର କାର୍ଯ୍ୟ କରାଯାଇଥିଲା। ସେହି ସମୟରେ ମୂଲ୍ୟବାନ ପଥର ଓ ଅର୍ଥ ବାଧକ ହେବାରୁ ଦେଢବର୍ଷ ଧରି କାର୍ଯ୍ୟ ବିଳମ୍ବ ହୋଇଥିଲା। ଏଭଳିସ୍ଥିତିରେ ବର୍ତ୍ତମାନ ବିଧାୟକ ଗୌତମବୁଦ୍ଧ ଦାସ ତାଙ୍କ ନିଜସ୍ୱ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଓ ପୂର୍ବତନ ବିଧାୟକଙ୍କ ୨୬ଲକ୍ଷ ସହ ବିଭିନ୍ନ ଉତ୍ସରୁ ଉଠିଥିବା ୪୭ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅନନ୍ତ ଫାଉଣ୍ଡେଶନ ପକ୍ଷରୁ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ ପାଇଁ ସହଯୋଗ କାମନା କରି ଅଣ୍ଟା ଭିଡ଼ିଛନ୍ତି।

## ୩୨ ସଫ୍ଟବଲ ପ୍ରତିଯୋଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

### ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା

ସିମୁଳିଆ, ୨।୧(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ମାର୍କୋଣା ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ବିଜୁପଟ୍ଟନାୟକ ମିନି ଷ୍ଟାଡ଼ିୟମରେ ଗତ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସଫ୍ଟବଲ ପ୍ରଶିକ୍ଷଣ ଶିବିର ଗୁରୁବାର ଶେଷ ହୋଇଛି। ବିଭିନ୍ନ ୧୧ଟି ଜିଲାରୁ ଚୟନ ହୋଇଥିବା ୧୬ଜଣ ବାଳିକା ଓ ୧୬ଜଣ ବାଳକ ଏଥିରେ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଏହି ଖେଳାଳିମାନେ ମହାରାଷ୍ଟ୍ର ଅଭିମୁଖେ ଯାତ୍ରା କରିବେ। ଆସନ୍ତା ୫ରୁ ୯ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଶିବାଜୀ ମହାରାଜା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଏହି ଖେଳାଳିମାନେ କ୍ରୀଡ଼ା ପ୍ରଦର୍ଶନ କରିବେ ବୋଲି ଓଡିଶା ଦଳ ପ୍ରବନ୍ଧକ ତଥା ରଘୁନାରାୟଣ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥ ସୂଚନା ଦେଇଛନ୍ତି। ଗୁରୁବାର ଅପରାହ୍ନରେ ସିମୁଳିଆର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଏହି ଖେଳାଳିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅତିଥି ରୂପେ ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରମାକାନ୍ତ ପଣ୍ଡ, ରଘୁନାରାୟଣ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସଚନ୍ଦ୍ର ମାଝି, ଫୁଲବାଣୀ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତାରାପଦ ସେଠୀ, ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରିୟଙ୍କା ମିଶ୍ର, ଖୋର୍ଦ୍ଧାସ୍ଥିତ ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ମିତା ଦାସ ପ୍ରମୁଖ ଥିଲେ। ଶାରିରୀକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡା, ରାଜ୍ୟ ବିଦ୍ୟାଳୟ ସମୂହର ସମ୍ପାଦକ ସପନ କୁମାର ଜେନା ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।


ରଘୁନାରାୟଣ ବିଦ୍ୟାଳୟ ପରିସର ଷ୍ଟାଡିୟମ ପଡିଆରେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## ଗୋପାଳପୁର ମହୋତ୍ସବ 'କିସ' ଉଦ୍‌ଘାଟିତ

ବାହାନଗା, ୨।୧(ଅରୂପ କୁମାର ଦାସ)– ଗୁରୁବାର ଉଦ୍‌ଘାଟିତ ହୋଇଛି ବାହାନଗା ବ୍ଲକ ଗୋପାଳପୁର ମହୋତ୍ସବ 'କିସ–୨୦୨୫'। ଏନେଇ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ କମିଟି ସମ୍ପାଦକ ସତ୍ୟନାରାୟଣ ଦାଶ। ପୂର୍ବତନ ସୋର ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ଘାଟନ କରି ଯିଏ ଇତିହାସକୁ ଚିହ୍ନି ନାହିଁ ସିଏ ଆଗକୁ ଯାଇପାରି ନ ଥାଏ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ ଦତ୍ତ ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁରେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟା ନିରୋଦପ୍ରଭା ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡା, ଦିଲୀପ କୁମାର ଦାସ, କମଳାକାନ୍ତ ଦାସ, ଅଭଣା ସରପଞ୍ଚ ସସ୍ମିତା ମାଝି, ଅଭଣା ସମିତିସଭ୍ୟା ଲକ୍ଷ୍ମୀମଣି ବେହେରା, ବିଡିଓ ନୀଳମାଧ ସୁନା, ସୋର ଅଞ୍ଚଳର ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜମିର କ୍ଷତିପୂରଣ ଦାବିରେ ଅନଶନ

କାଳିପଦା, ୨।୧(ରାଜଶ୍ରୀ ପାଣିଗ୍ରାହୀ)– ବାଲିଆପାଳ ଶାରୀରିକ ଶିକ୍ଷା କଲେଜକୁ ଜମି ଦେଇଥିବା ମାଳିକ ପରିବାର ୩ ଦଫା ଦାବିପୂରଣ ନେଇ ଗୁରୁବାର କଲେଜରେ ଅନଶନ କରିଛନ୍ତି। ଅନଶନରେ ଗିରିଶ ଚନ୍ଦ୍ର ପାତ୍ର, ଅରୁଣ କୁମାର ପାତ୍ର, ତ୍ରିଲୋଚନ ପାତ୍ର, ଅନାଦି ପାତ୍ର, ବଙ୍କିମ ପାତ୍ର, ଚିତ୍ତରଞ୍ଜନ ପାତ୍ର, ଅମୂଲ୍ୟ ପାତ୍ର, ପ୍ରାଣକୃଷ୍ଣ ପାତ୍ର, ଅଜୟ ପାତ୍ର ପ୍ରମୁଖ ବସିଥିଲେ। ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ସ୍ଥାନୀୟ ତହସିଲଦାର ଲୋକନାଥ ପ୍ରସାଦ ସେଠୀ, ପୋଲିସ ପ୍ରମୁଖ ଘଟଣା ନେଇ ଏକ ବୈଠକ କରିଥିଲେ। ତହସିଲଦାର ଲୋକନାଥ ପ୍ରସାଦ ସେଠୀ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ମୟୂରଭଞ୍ଜ

# ଧାନକିଣା ବନ୍ଦ, ଚାଷୀ ହତାଶ

ବାରିପଦା,୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଧାନ କିଣା ବନ୍ଦ ଯୋଗୁ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ମିଲର ସଂଘ ଆନ୍ଦୋଳନ ଜାରି ରଖିଥିବାରୁ ଦୁଇ ଦିନ ହେଲା ଧାନ କିଣା ହୋଇ ପରୁନାହିଁ। ଫଳରେ ଚାଷୀମାନେ ଧାନ ବିକ୍ରିକୁ ନେଇ ସମସ୍ୟାରେ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଧାନର କଳାବଜାର ହେବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

ସୂଚନାଯୋଗ୍ୟ, ଜିଲାରେ ଡିସେମ୍ବର ୨୪ରୁ ଧାନ କିଣା ଆରମ୍ଭ ହୋଇଛି। ୧୩୦ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ୍ ଜରିଆରେ ୫୫ ହଜାର ୯୩୮ ଚାଷୀଙ୍କଠାରୁ ଧାନ କିଣାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ତେବେ ଡିସେମ୍ବର ୩୧ ସୁଦ୍ଧା ଜିଲାରେ ୭୮ଟି ମଣ୍ଡି ଖୋଲିଥିବାରୁ ମାତ୍ର ୩୭ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ଏପରିକି ପ୍ରତ୍ୟେକ ମଣ୍ଡିରେ ୫ କେଜିରୁ ୧୦ କେଜି ପର୍ଯ୍ୟନ୍ତ ଆପୋଷ ବୁଝାମଣାରେ କଟ୍‌ନୀ ଛଟ୍‌ନୀ କରାଯାଉଥିବାରୁ ଚାଷୀ ଓ ମିଲରଙ୍କ ମଧ୍ୟରେ ତିକ୍ତତା ଲାଗିରହିଛି। ତେବେ ଜାନୁଆରୀ ୧ ଓ ୨ ତାରିଖରେ ଜିଲାରେ ଆଦୌ ଧାନ କିଣା ହୋଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଭାଳେଣୀ ପଡ଼ିଛି। ଦାବି ପୂରଣକୁ ନେଇ ସମସ୍ତ ମିଲର ଦୁଇ ଦିନ ହେଲା ଧାନ କିଣା ବନ୍ଦ ରଖିଛନ୍ତି। ଏପରିକି ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଧାନ ନ କିଣିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାରେ ୧୭ ମିଲରଙ୍କ ମାଧ୍ୟମରେ ମୋଟ ୧୪ ଲକ୍ଷ ୬୬ ହଜାର ୧୦୩ କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ସେଥିରୁ ରାଇରଙ୍ଗପୁରର ସିଂଘଲ ଏଗ୍ରି, ବାରିପଦାର ମଙ୍ଗଳ ପ୍ରସାଦ ଓ ବାଙ୍ଗିରିପୋଷିର କାଳିକା ଏଗ୍ରି ରାଇସ୍ ମିଲ୍‌ର ଏକ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏହି ୩ ମିଲରଙ୍କୁ ଧାନ କିଣିବାର ସୁଯୋଗ ମିଳୁନାହିଁ। ୨ ଦିନ ହେଲା ଧାନ କିଣା ବନ୍ଦ ଥିବା ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ନବବର୍ଷ ପାଇଁ ବୁଧବାର ଧାନ କିଣା ବନ୍ଦ ଥିଲା। ଗୁରୁବାର ଧାନ କିଣାଯାଏ ନାହିଁ । ତେଣୁ ଦୁଇ ଦିନ ବନ୍ଦ ରହିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ୨୪ତାରିଖ ଠାରୁ ଧାନ କିଣା ଆରମ୍ଭ ହୋଇଥିବା ବେଳେ ୩୧ ତାରିଖ ମଧ୍ୟରେ ୭୮ଟି ମଣ୍ଡିରୁ ଧାନ କିଣା ଜାରି ରହିଛି। ୧୭ମିଲରଙ୍କ ମଧ୍ୟରୁ ୧୩ ମିଲର ଧାନ କିଣୁଛନ୍ତି। କରଞ୍ଜିଆର ଶ୍ରୀଲକ୍ଷ୍ମୀ ମିଲର ଆଦୌ ଧାନ କିଣି ନ ଥିବା ବେଳେ ମାମଲା ପାଇଁ ତିନି ମିଲର ଧାନ କିଣାରୁ ବଞ୍ଚିତ ରହିଛନ୍ତି । ତେବେ ମିଲର ସଂଘର ଦାବି ପୂରଣ କରା ନ ଗଲେ ଚାଷୀମାନେ ବାଧ ହୋଇ ସଞ୍ଚିଥିବା ଧାନକୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେବେ ବୋଲି ଚାଷୀମହଲରେ ମତପ୍ରକାଶ ପାଇଛି।

## ମା' ଆଗରେ ପୁଅ ଉପରେ ଚଢ଼ିଗଲା ଟ୍ରକ୍

ବାରିପଦା,୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ସଡ଼କ ସୁରକ୍ଷା ମାସ ଚାଲିଥିବା ବେଳେ ମା' ଆଖି ଆଗରେ ପୁଅ ଉପରେ ଟ୍ରକ୍ ଚଢ଼ିଯାଇଛି। ଯଶିପୁରସ୍ଥିତ ୪୯ନଂ.ଜାତୀୟ ରାଜପଥ ବ୍ୟାଙ୍କ ସମ୍ମୁଖ ରାସ୍ତାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଟ୍ରକ୍ ଚକତଳେ ଚାପି ହୋଇ ନାବାଳକ ପୁଅର ମୃତ୍ୟୁ ଘଟିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତକ ବିଶୋଇ ଥାନା କାନକାରା ଅଞ୍ଚଳର ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛି। ସୂଚନାଯୋଗ୍ୟ, ମା' ଓ ୭ବର୍ଷର ପୁଅ ସ୍କୁଟିରେ ଯାଉଥିବା ସମୟରେ ଏକ ଲୁହାପଥର ବୋଝେଇ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରେ ଥିବା ମା' ଛିଟିକି ପଡିଥିବା ବେଳେ ଟ୍ରକ ଚକ ତଳେ ପୁଅ ଚାପି ହୋଇ ରହିଯାଇଥିଲା। ପୋଲିସ ଟ୍ରକ୍ ଜବତ କରି ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ମୋରଡ଼ା,୨।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ବାଇକ୍ ଆରୋହୀ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଥାନା ଅଧୀନ ମୋରଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ। ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ବାରିପଦାରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଚିତ୍ରଡ଼ା–ଅମର୍ଦ୍ଦା ରାଜ୍ୟ ରାଜପଥର ଅସ୍ତିଆ ରବରପ୍ଲାଣ୍ଟ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରାକ୍ଟରକୁ ଧକ୍କା ଦେବା ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ୩ ଲକ୍ଷ ଫେରସ୍ତ ପାଇଁ ନିର୍ଦ୍ଦେଶ

### ସରକାରୀ ଅର୍ଥ ଆତ୍ମସାତ୍ ଘଟଣା

ବୈଶିଙ୍ଗା,୨।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ଗଡଦେଉଳିଆ ପଞ୍ଚାୟତରେ ସରକାରୀ ଅର୍ଥର ଦୁରୁପଯୋଗ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୩ ଲକ୍ଷ ଟଙ୍କା ଫେରସ୍ତ କରିବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗଡ଼ଦେଉଳିଆ ପଞ୍ଚାୟତର ପଦ୍ମନାଭପୁର ଗ୍ରାମରେ ଡ୍ରେନ ନିର୍ମାଣ, ଉଡାବାଲିସାହି ସୁରକ୍ଷା ପାଚେରୀ ନିର୍ମାଣ ଓ ଗଡଦେଉଳିଆ ଗ୍ରାମରେ ଅଳିଆ ଆବର୍ଜନା ସଫେଇ ବାବଦକୁ ମୋଟ ପ୍ରାୟ ୩ ଲକ୍ଷ ଟଙ୍କା ତୋଷରପାତ ହୋଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପ ନିର୍ଦ୍ଦେଶକଘଟଣାରତଦନ୍ତକରିଅଭିଯୋଗର ସତ୍ୟତା ଥିବା ନେଇ ଜିଲାପାଳଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବେତନଟୀ ବିଡିଓଙ୍କୁ ପଚାରିବାରୁ ସେ ଏ ସଂକ୍ରାନ୍ତରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ଅର୍ଥ ସ୍ଥାନୀୟ ସରପଞ୍ଚ, ଯନ୍ତ୍ରୀ ଓ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

## ମୟୂରଭଞ୍ଜର ମଞ୍ଜୁଲତାଙ୍କୁ ୩ ସ୍ୱର୍ଣ୍ଣ

### ରାଷ୍ଟ୍ରୀୟ ଜନଜାତି କ୍ରୀଡ଼ା

ବାରିପଦା,୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଛତିଶଗଡର ରାୟପୁରଠାରେ ଗତ ଡିସେମ୍ବର ୨୯ ଓ ୩୦ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ସର୍ବଭାରତୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ଖେଳିଥିବା ମୟୂରଭଞ୍ଜର ମଞ୍ଜୁଲତା ହେମ୍ବ୍ରମ ତୀରନ୍ଦାଜୀରେ ତିନୋଟି ସ୍ୱର୍ଣ୍ଣପଦକ ପ୍ରାପ୍ତ କରି ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ସେହିପରି ମୟୂରଭଞ୍ଜର ମୀନା ତିରିଆ ମଧ୍ୟ ୩୦ମି. ଓ ୪୦ମି. ତୀରନ୍ଦାଜୀରେ ଦୁଇଟି ବ୍ରୋଞ୍ଜ ପଦକ ପାଇଛନ୍ତି। ବୁଧବାର ଉଭୟ ଖେଳାଳି ଭୁବନେଶ୍ୱର ରେଲୱେ ଷ୍ଟେଶନରେ ପହଞ୍ଚିବା ପରେ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ବିରେନ୍ଦ୍ର ବେତାଲା, ଚନ୍ଦ୍ରକାନ୍ତ ନାଥ, ବୈଦ୍ୟନାଥ ସାହୁ, ସିଲୁ ମହାନ୍ତ, ସୁଭାଷ ଷଡ଼ଙ୍ଗୀ ଓ ବିଶ୍ୱାମିତ୍ର ମହାନ୍ତ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଖେଳାଳିମାନଙ୍କ ସହିତ ଯାଇଥିବା କୋଚ୍ ବୁଦ୍ଧିରାମ ସିଂ ଏବଂ ଟିମ୍ ମ୍ୟାନେଜର ଶଶିଭୂଷଣ ମହାକୁଡଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ପ୍ରଶିକ୍ଷକ ନାରାୟଣ ପ୍ରଧାନ ଓ ରଞ୍ଜନ ମହାକୁଡଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଅଭ୍ୟାସ କରି ଏହି ସଫଳତା ପାଇଛନ୍ତି। ଆଣ୍ଡାମାନ ନିକୋବର ସମେତ ସାରା ଦେଶର ୩୦ଟି ରାଜ୍ୟରୁ ୬୦୦ ଜଣ ଜନଜାତି ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଡ଼ିଶାରୁ ୧୧ ତୀରନ୍ଦାଜରେ ଓ ୧୪ ଜଣ ଫୁଟବଲ ଖେଳରେ ଅଂଶ ଗ୍ରହଣ କରିଥିଲେ।



କୃତୀ କ୍ରୀଡ଼ାବିତଙ୍କୁ ସ୍ୱାଗତ କରାଯାଉଛି।

## 'ଜଳର ଅପଚୟ ରୋକିଲେ ଚାଷୀ ଲାଭବାନ୍ ହେବେ'

### ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ମୟୂରଭଞ୍ଜ ଜିଲା ଜଳ ସେଚନ ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ନବଚରଣ ମାଝୀ ଯୋଗଦେଇ ପାଣି ପଞ୍ଚାୟତ ମାଧ୍ୟମରେ ଜଳ ବଣ୍ଟନର ସୁପରିଚାଳନା କରାଯାଇ ଚାଷ କାର୍ଯ୍ୟରେ କିଭଳି ବିଶେଷ ଉନ୍ନତି ଆଣିବାକୁ ହେବ ତାହା ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରିଥିଲେ। ଅନ୍ୟପକ୍ଷରେ ପାଣିର ଅପଚୟ ଓ ଅପବ୍ୟବହାର ନ କରି ସହଭାଗୀ ଜଳ ସେଚନ ପରିଚାଳନାରେ ଚାଷକାର୍ଯ୍ୟକୁ କିଭଳି ସଫଳତାର ସହ କାର୍ଯ୍ୟକାରୀ କରିବାକୁ ନେଇ ପରାମର୍ଶ ଦେଇଥିଲେ ।

ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସାରସକଣା ବିଧାୟକ ଭାଦବ ହାଁସଦା, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଏବଂ ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀ ଇଂ. ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପାଣି ପଞ୍ଚାୟତ ଉପରେ ଅନୁଷ୍ଠିତ ତର୍କ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ସୂଚନା ଥାଉକି, ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଜିଲା ବ୍ୟାପୀ ଚାଷୀ ସଚେତନତା ପାଇଁ ପାଣି ପଞ୍ଚାୟତ ରଥ ବାହାରିଥିଲା। ଏହି ରଥକୁ ଗତ ୨୨ ତାରିଖରେ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

